କୋଶଲ ସମ୍ବାଦ

କୋଶଲର ସ୍ୱର, ଜନତାର ସମ୍ବାଦ

RNI REGD NO- ORORI/26A4694 | ଦୈନିକ ଓଡ଼ିଆ ଖବର କାଗଜ | KOSHAL SAMBAD- Daily News Paper

Vol- 01 ■ No-42, Saturday 14 November 2026 ■ 4 pages : Rs. 2/ - ■ ପ୍ରଥମ ବର୍ଷ, ସଂଖ୍ୟା-୪୨ ■ ଶନିବାର ୧୪ ନଭେମ୍ବର ୨୦୨୬■ ୪ ପୃଷ୍ଠା: ମୂଲ୍ୟ ୨/-ଟଙ୍କା

ଘରୋଇ ବସ୍ ଭଡ଼ା ବୃଦ୍ଧିକୁ ନେଇ ଯାତ୍ରୀଙ୍କ ଅସନ୍ତୋଷ, ସାଧାରଣ ଲୋକଙ୍କ ପକେଟ୍‌ରେ ପଡ଼ିବ ଅଧିକ ବୋଝ



ଭୁବନେଶ୍ୱର: ରାଜ୍ୟରେ ଘରୋଇ ବସ୍ ଭଡ଼ା ବୃଦ୍ଧିକୁ ନେଇ ଯାତ୍ରୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଦୈନନ୍ଦିନ ଯାତାୟାତ ପାଇଁ ଘରୋଇ ବସ୍ ଉପରେ ନିର୍ଭର କରୁଥିବା ହଜାର ହଜାର ଲୋକଙ୍କ ପାଇଁ ଏହି ଭଡ଼ା ବୃଦ୍ଧି ଅତିରିକ୍ତ ଆର୍ଥିକ ବୋଝ ସୃଷ୍ଟି କରିବା ଆଶଙ୍କା ଦେଖାଦେଇଛି। ବିଶେଷକରି ଗ୍ରାମା ଳରୁ ସହରକୁ ଚାକିରି, ବ୍ୟବସାୟ, ପାଠପଢ଼ା ଓ ଚିକିତ୍ସା ପାଇଁ ଯାତାୟାତ କରୁଥିବା ଲୋକମାନେ ଏହାଦ୍ୱାରା ପ୍ରଭାବିତ ହେବେ। ଦିନକୁ ଦୁଇଥର ବସ୍‌ରେ ଯାତ୍ରା କରୁଥିବା ଶ୍ରମିକ, ନିମ୍ନ ଆୟକାରୀ ପରିବାର ଓ ଛାତ୍ରଛାତ୍ରୀଙ୍କ ମାସିକ ଯାତାୟାତ ଖର୍ଚ୍ଚ ବଢ଼ିବା ସ୍ୱାଭାବିକ। ଅନ୍ୟପଟେ ବସ୍ ମାଲିକମାନେ ଇନ୍ଧନ ମୂଲ୍ୟ, ଯାନବାହନ ରକ୍ଷଣାବେକ୍ଷଣ, କର୍ମଚାରୀଙ୍କ ଦରମା ଓ ଅନ୍ୟାନ୍ୟ ପରିଚାଳନା ଖର୍ଚ୍ଚ ବୃଦ୍ଧିକୁ ଭଡ଼ା ବୃଦ୍ଧିର କାରଣ ଭାବେ ଦର୍ଶାଇଥାନ୍ତି। କିନ୍ତୁ ଏହି ବୃଦ୍ଧିର ସିଧାସଳଖ ପ୍ରଭାବ ସାଧାରଣ ଯାତ୍ରୀଙ୍କ ଉପରେ ପଡୁଥିବାରୁ ଏହାକୁ ନେଇ ପୁନର୍ବିଚାର ଦାବି ଉଠିଛି। ଯାତ୍ରୀଙ୍କ ମତରେ, ରାଜ୍ୟରେ ସରକାରୀ ପରିବହନ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଆବଶ୍ୟକ। ଗ୍ରାମାଞ୍ଚଳରେ ନିୟମିତ ବସ୍ ସେବା, ସଠିକ୍ ସମୟସୂଚୀ ଓ ସୁଲଭ ଭଡ଼ା ନିଶ୍ଚିତ କରାଗଲେ ଲୋକମାନେ ଉପକୃତ ହେବେ। ଭଡ଼ା ବୃଦ୍ଧି ସହିତ ଯାତ୍ରୀଙ୍କୁ ଉନ୍ନତ ସେବା ମିଳୁଛି କି ନାହିଁ, ତାହାର ମଧ୍ୟ ତଦାରଖ ହେବା ଜରୁରୀ। ବର୍ତ୍ତମାନ ମୁଖ୍ୟ ପ୍ରଶ୍ନ ହେଉଛି, ପରିବହନ ବ୍ୟବସ୍ଥାର ଆର୍ଥିକ ସନ୍ତୁଳନ ରକ୍ଷା ସହ ସାଧାରଣ ଲୋକଙ୍କ ସ୍ୱାର୍ଥକୁ କିପରି ସୁରକ୍ଷା ଦିଆଯିବ। ଏଥିପାଇଁ ସରକାର, ବସ୍ ମାଲିକ ସଂଘ ଓ ଯାତ୍ରୀ ସଂଗଠନ ମଧ୍ୟରେ ଆଲୋଚନା ଆବଶ୍ୟକ।

ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ଆଶଙ୍କା, ଓଡ଼ିଶାରେ ସତର୍କତା ଜାରି



ଭୁବନେଶ୍ୱର, ୧୪/୧୧: ବଙ୍ଗୋପସାଗରରେ ପୁଣି ଏକ ସମ୍ଭାବ୍ୟ ଘୂର୍ଣ୍ଣିବଳୟକୁ ନେଇ ଓଡ଼ିଶାରେ ଚିନ୍ତା ବଢ଼ିଛି। ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ଆଗାମୀ ଦିନରେ ଅଧିକ ଘନୀଭୂତ ହୋଇ ନଭେମ୍ବର ୧୬ ତାରିଖ ସୁଦ୍ଧା ସାମୁଦ୍ରିକ ଝଡ଼ର ରୂପ ନେଇପାରେ। ଏହି ସମ୍ଭାବନାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆଗୁଆ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜ୍ୟର ଉପକୂଳବର୍ତ୍ତୀ ଓ ଦକ୍ଷିଣ ଓଡ଼ିଶାର ଜିଲ୍ଲାପାଳମାନଙ୍କୁ ସଜାଗ ରହିବାକୁ ସୂଚନା ଦିଆଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏହି ପରିସ୍ଥିତିର ମୁକାବିଲା ନେଇ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଡକାଯାଇଛି। ପ୍ରଶାସନକୁ ଆଗୁଆ ପ୍ରସ୍ତୁତ ରହିବା ସହ ଆବଶ୍ୟକୀୟ ରିଲିଫ୍ ଓ ଉଦ୍ଧାର ସାମଗ୍ରୀ ପ୍ରସ୍ତୁତ ରଖିବାକୁ ଗୁରୁତ୍ୱ ଦିଆଯାଉଛି। ସମ୍ଭାବ୍ୟ ବର୍ଷା ଓ ପବନକୁ ଦୃଷ୍ଟିରେ ରଖି ତଳିଆ ଅଞ୍ଚଳ, ନଦୀକୂଳ ଓ ସମୁଦ୍ର ଉପକୂଳରେ ରହୁଥିବା ଲୋକଙ୍କୁ ସତର୍କ ରହିବା ଉପରେ ନିର୍ଭର କରିବାକୁ ଆବଶ୍ୟକ। ମତ୍ସ୍ୟଜୀବୀମାନେ ପାଣିପାଗ ବିଭାଗର ପରବର୍ତ୍ତୀ ସୂଚନା ଓ ସମୁଦ୍ର ସମ୍ପର୍କିତ ସରକାରୀ ନିର୍ଦ୍ଦେଶ ପାଳନ କରିବା ଉଚିତ। ତେବେ ଏହି ସମ୍ଭାବ୍ୟ ଘୂର୍ଣ୍ଣିବଳୟର ଗତିପଥ, ତୀବ୍ରତା ଓ ଓଡ଼ିଶା ଉପରେ ପ୍ରକୃତ ପ୍ରଭାବ ସମ୍ପର୍କରେ ଏପର୍ଯ୍ୟନ୍ତ ସ୍ପଷ୍ଟ ଆକଳନ ହୋଇନାହିଁ। ତେଣୁ ଗୁଜବରେ ବିଶ୍ୱାସ ନକରି ସରକାରୀ ସୂଚନା ପ୍ରତି ଧ୍ୟାନ ଦେବାକୁ ଜନସାଧାରଣଙ୍କୁ ପରାମର୍ଶ।





କୋଶଳ ସମ୍ବାଦ

ଶନିବାର ୧୪ ନଭେମ୍ବର ୨୦୨୬



ବିକାଶର ଦୌଡ଼ରେ ପରିବେଶ ସୁରକ୍ଷାକୁ ଭୁଲିଗଲେ ଚଳିବ ନାହିଁ



ପ୍ରଫୁଲ୍ଲ ରୋହିଦାସ
ସଂପାଦକ- କୋଶଳ ସମ୍ବାଦ
ଉଜ୍ଜଳପୁର ସୁନ୍ଦରଗଡ଼

ଆଧୁନିକ ସଭ୍ୟତାର ବିକାଶ ସହିତ ମଣିଷ ଆଜି ଅନେକ ଅସମ୍ଭବକୁ ସମ୍ଭବ କରିପାରିଛି। ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଶିଳ୍ପ, ଗମନାଗମନ, ଯୋଗାଯୋଗ ଓ ଚିକିତ୍ସା କ୍ଷେତ୍ରରେ ମାନବ ସମାଜ ଅଭୂତପୂର୍ବ ସଫଳତା ହାସଲ କରିଛି। ଗାଁଠାରୁ ସହର ପର୍ଯ୍ୟନ୍ତ ବିକାଶର ନୂଆ ଚିତ୍ର ଦେଖିବାକୁ ମିଳୁଛି। ରାସ୍ତାଘାଟ, ବଡ଼ ବଡ଼ କୋଠାବାଡ଼ି, ଶିକ୍ଷାନୁଷ୍ଠାନ ଓ ନୂତନ ପ୍ରକଳ୍ପ ମାଧ୍ୟମରେ ଦେଶ ଆଗକୁ ବଢୁଛି। କିନ୍ତୁ ଏହି ବିକାଶର ଚିତ୍ର ମଧ୍ୟରେ ଏକ ଗୁରୁତର ପ୍ରଶ୍ନ ଆଜି ସମାଜ ସାମ୍ନାରେ ଠିଆ ହୋଇଛି। ଆମେ କ'ଣ ବିକାଶ ପାଇଁ ପ୍ରକୃତିକୁ ଅଣଦେଖା କରୁନାହୁଁ?

ପ୍ରକୃତି ହେଉଛି ମାନବ ଜୀବନର ମୂଳ ଆଧାର। ଜଳ, ବାୟୁ, ମାଟି, ଜଙ୍ଗଲ ଓ ଜୀବଜନ୍ତୁଙ୍କ ସମନ୍ୱୟରେ ପୃଥିବୀରେ ଜୀବନ ସମ୍ଭବ ହୋଇଛି। କିନ୍ତୁ ଅବାଧ ଜଙ୍ଗଲ କଟା, ନଦୀ ଓ ଜଳାଶୟ ପ୍ରଦୂଷଣ, ଶିଳ୍ପ କାରଖାନାରୁ ନିର୍ଗତ ବିଷାକ୍ତ ଧୂଆଁ ଏବଂ ପ୍ଲାଷ୍ଟିକ୍‌ର ଅତ୍ୟଧିକ ବ୍ୟବହାର ପରିବେଶର ସନ୍ତୁଳନକୁ ନଷ୍ଟ କରୁଛି। ଏହାର ପ୍ରଭାବ ଆଜି ଜଳବାୟୁ ପରିବର୍ତ୍ତନ, ଅନିୟମିତ ବର୍ଷା, ଅତ୍ୟଧିକ ଗ୍ରୀଷ୍ମପ୍ରବାହ, ବନ୍ୟା ଓ ବାତ୍ୟା ଭଳି ବିଭିନ୍ନ ପ୍ରାକୃତିକ ଘଟଣାରେ ଅନୁଭୂତ ହେଉଛି।

ଓଡ଼ିଶା ଏକ ପ୍ରାକୃତିକ ସମ୍ପଦରେ ସମୃଦ୍ଧ ରାଜ୍ୟ। ଏଠାରେ ଦୀର୍ଘ ସମୁଦ୍ର ଉପକୂଳ, ବିସ୍ତୃତ ଜଙ୍ଗଲ, ନଦୀନାଳ ଓ ପାହାଡ଼ପର୍ବତ ରହିଛି। କିନ୍ତୁ ପ୍ରତିବର୍ଷ ବାତ୍ୟା, ବନ୍ୟା ଓ ଅତିବୃଷ୍ଟି ରାଜ୍ୟର ଅନେକ ଅଞ୍ଚଳରେ ଜନଜୀବନକୁ ପ୍ରଭାବିତ କରୁଛି। ନିକଟରେ ବଙ୍ଗୋପସାଗରରେ ନୂଆ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ନେଇ ପାଣିପାଗ ବିଭାଗର ପୂର୍ବାନୁମାନ ପରେ ରାଜ୍ୟ ସରକାର ଉପକୂଳ ଓ ଦକ୍ଷିଣ ଓଡ଼ିଶାର ଜିଲ୍ଲାଗୁଡ଼ିକୁ ସତର୍କ ରହିବାକୁ କହିଛନ୍ତି। ଏହା ଆମକୁ ପୁଣିଥରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାର ଗୁରୁତ୍ୱ ସ୍ମରଣ କରାଉଛି।

ବିପର୍ଯ୍ୟୟ ଆସିବା ପରେ କେବଳ ଉଦ୍ଧାର କାର୍ଯ୍ୟ ଓ କ୍ଷତିପୂରଣ ଦେବା ଯଥେଷ୍ଟ ନୁହେଁ। ବିପର୍ଯ୍ୟୟ ପୂର୍ବରୁ ଆଗୁଆ ପ୍ରସ୍ତୁତି, ଦୁର୍ବଳ ଭିତ୍ତିଭୂମିର ସୁଦୃଢ଼ୀକରଣ, ନଦୀବନ୍ଧ ରକ୍ଷଣାବେକ୍ଷଣ, ଜଳ ନିଷ୍କାସନ ବ୍ୟବସ୍ଥାର ଉନ୍ନତି ଓ ଜନସାଧାରଣଙ୍କୁ ସଚେତନ କରିବା ଅତ୍ୟନ୍ତ ଜରୁରୀ। ବିଶେଷକରି ସମୁଦ୍ର ଉପକୂଳରେ ବସବାସ କରୁଥିବା ଗରିବ ମତ୍ସ୍ୟଜୀବୀ ଓ କୃଷକ ପରିବାରଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେବା ଆବଶ୍ୟକ।

ସରକାରଙ୍କ ସହିତ ସମାଜର ପ୍ରତ୍ୟେକ ନାଗରିକଙ୍କର ମଧ୍ୟ ଏଥିରେ ଦାୟିତ୍ୱ ରହିଛି। ଆମେ ଯଦି ନିଜ ଘର, ଗାଁ ଓ ସହରକୁ ସଫା ରଖିବା, ଗଛ ଲଗାଇବା, ଜଳ ଅପଚୟ ରୋକିବା ଏବଂ ପ୍ଲାଷ୍ଟିକ୍ ବ୍ୟବହାର କମାଇବା, ତେବେ ପରିବେଶ ସୁରକ୍ଷା ଦିଗରେ ଏକ ବଡ଼ ପରିବର୍ତ୍ତନ ଆସିପାରିବ।

ବିକାଶ ନିଶ୍ଚିତ ଭାବେ ଆବଶ୍ୟକ, କିନ୍ତୁ ଏହା ପ୍ରକୃତିର ବିନାଶ ମୂଲ୍ୟରେ ହେବା ଉଚିତ ନୁହେଁ। ଆଜିର ପିଢ଼ି ଯଦି ପରିବେଶକୁ ସୁରକ୍ଷିତ ରଖିବାରେ ବିଫଳ ହୁଏ, ତେବେ ଆଗାମୀ ପିଢ଼ିକୁ ଏହାର ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ। ତେଣୁ ବିକାଶ ଓ ପରିବେଶ ସୁରକ୍ଷା ମଧ୍ୟରେ ସମନ୍ୱୟ ରକ୍ଷା କରିବା ହିଁ ଆଜିର ସମୟର ସବୁଠାରୁ ବଡ଼ ଆହ୍ୱାନ।

ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ୨୦୨୬ ଅନୁଷ୍ଠିତ



ରାଜଗାଙ୍ଗପୁର : ଆଜି ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ରାଜଗାଙ୍ଗପୁର କମ୍ୟୁନିଟି ସେ ର ଠାରେ ସକାଳ ୧୦ ଘଟିକା ସମୟରେ ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ୨୦୨୬ କୁ ବିଧାୟକ ଡଃ ସି ଏସ ରାଜେନ ଏକା ମହୋଦୟ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ରାଜଗାଙ୍ଗପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଅକ୍ଷୟ ବାଗ, ତହସିଲଦାର ଶ୍ରୀ ଜ୍ୟୋତି ରଞ୍ଜନ ପ୍ରଧାନ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡଃ ସନ୍ତୋଷ କୁମାର ପାଣିଗ୍ରାହୀ , ଜିଲ୍ଲା ସହକାରୀ ମତ୍ସ୍ୟ ଅଧିକାରୀ ଶ୍ରୀ ଶକ୍ତିମାନ ଦାସ, ମ୍ୟୁନିସିପାଲଟି ର ଉପ ନଗରପାଳ ଏମ ଡି ଇରଫାନ ଓ କେତେକ ଗଣମାନ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।ଏହି କାର୍ଯ୍ୟକ୍ରମ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡଃ ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କରାଯାଇଥିଲା ଏବଂ ସେ ତାଙ୍କ ଅଭିଭାଷଣରେ ମେଳାର ଉଦ୍ଦେଶ୍ୟ ଉପରେ ଆଲୋକପାତ କରି ପଶୁ ପାଳକ, ମତ୍ସ୍ୟ ଚାଷୀ, ମହିଳା ସ୍ୱୟଂ ସାହାୟକ ଗୋଷ୍ଠୀ ଏବଂ ଗ୍ରାମୀଣ ଉଦ୍ୟୋଗୀ ମାନଙ୍କୁ ବିଭିନ୍ନ ସରକାରୀ ଯୋଜନା, ଜୀବିକା ସୁଯୋଗ, ବିଭିନ୍ନ ସରକାରୀ ସହାୟତା, ବୈଷୟିକ ସେବା ଏବଂ ଉଦ୍ୟମିତା ବିକାଶ ସମ୍ପର୍କରେ ସଚେତନ କରାଇବା ସହିତ ଯୋଜନା ଗୁଡ଼ିକର ଲାଭ ନେବା ପାଇଁ ଉପସ୍ଥିତ ଚାଷୀ ଏବଂ ଅନ୍ୟାନ୍ୟ ମାନଙ୍କୁ ପ୍ରେରିତ କରିଥିଲେ। ଏବଂ କାର୍ଯ୍ୟକ୍ରମର ମୁଖ୍ୟ ବକ୍ତା ସହକାରୀ ମତ୍ସ୍ୟ ଅଧିକାରୀ ଶ୍ରୀ ଶକ୍ତିମାନ ଦାସ ମତ୍ସ୍ୟ ଚାଷର ଆଧୁନିକ ପଦ୍ଧତି ଓ ଚାଷୀଙ୍କ ଆୟ ବୃଦ୍ଧି ଉପରେ ନିଜ ବକ୍ତବ୍ୟ ରଖିଥିଲେ।ଏହି କାର୍ଯ୍ୟକ୍ରମରେ ବ୍ଲକର ଦୁଇ ଜଣ ଅଗ୍ରଣୀ ମତ୍ସ୍ୟ ଚାଷୀ ଓ ଦୁଇ ଜଣ ପ୍ରଗତିଶୀଳ ପଶୁପାଳକ ଙ୍କୁ ସେମାନଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ପୁରସ୍କୃତ କରାଯାଇଥିବା ବେଳେ ଜଣେ ମତ୍ସ୍ୟ ଚାଷୀଙ୍କୁ ସବ୍ସିଡି ସହାୟତା ରାଶି ପ୍ରଦାନ କରାଯାଇଥିଲା। ପଶୁପାଳକ ଶ୍ରୀ ଶିବ ଶଙ୍କର ପାଠକ ରାଜଗାଙ୍ଗପୁର ପ୍ରାଣୀ ଚିକିତ୍ସାଧିକାରୀ ଡଃ ସୁନିଲ କୁମାର ଦିକ୍ଷୀତଙ୍କ ବ୍ୟବହାର ଓ ତାଙ୍କ ମନୋମୁଖୀ କାର୍ଯ୍ୟ ବିରୁଦ୍ଧରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଓ ଅନ୍ୟାନ୍ୟ ଅଧିକାରୀ ଏବଂ କେତେକ ମିଡିଆ କର୍ମୀଙ୍କ ଧ୍ୟାନ ଆକର୍ଷଣ କରିବାରୁ ତାଙ୍କ ଅଭିଯୋଗକୁ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ସଂଜ୍ଞାନରେ ନେଇ ନିଜେ ତଦନ୍ତ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆନୁମାନିକ ୧୭୦ରୁ ୧୮୦ ଜଣ ଯୋଗଦାନ କରିଥିବା ବେଳେ ସ୍ଥାନୀୟ ଗୋପାଳକ ମାନଙ୍କୁ ମେଳାରେ ନଡାକିବା ଘଟଣା ଗୋପାଳକ ଏବଂ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାରେ ବିଷୟ ପାଲଟିଛି।

ସାଇ ବାବାଙ୍କ ଜୟଧ୍ୱନିରେ ପ୍ରକମ୍ପିତ ଢେଙ୍କାନାଳ

ସାଇ ସତସଙ୍ଗ ସେବା ଟ୍ରଷ୍ଟର ତ୍ରିଦିବସୀୟ ବାର୍ଷିକ ଉତ୍ସବ ଉଦ୍‌ଘାଟିତ

ଢେଙ୍କାନାଳ: ସାଇ ବାବାଙ୍କ ଭକ୍ତି, ଶ୍ରଦ୍ଧା ଓ ସେବାର ଭାବନାକୁ ନେଇ ସାଇ ସତସଙ୍ଗ ସେବା ଟ୍ରଷ୍ଟ, ଢେଙ୍କାନାଳ ଆନୁକୂଲ୍ୟରେ ଆୟୋଜିତ ତ୍ରିଦିବସୀୟ ବାର୍ଷିକ ଉତ୍ସବର ଶୁଭାରମ୍ଭ ଶୁକ୍ରବାର ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ଆୟୋଜିତ ବିଶାଳ ସାଇ ପାଲିଙ୍କି ଶୋଭାଯାତ୍ରାରେ ସମଗ୍ର ଢେଙ୍କାନାଳ ସହର ଭକ୍ତିମୟ ହୋଇଉଠିଥିଲା। ସୌଦାମିନୀ ସ୍କୁଲ ପରିସରରୁ ଶିରିଡ଼ିରୁ ଆସିଥିବା ପୂଜକଙ୍କ ଦ୍ୱାରା ସାଇ ବାବାଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ଆରତୀ ପରେ ଶୋଭାଯାତ୍ରାର ଶୁଭାରମ୍ଭ ହୋଇଥିଲା। ଏହି ଭବ୍ୟ ଶୋଭାଯାତ୍ରା ଶ୍ରୀରାମ ମଣ୍ଡପ ଅଭିମୁଖେ ବାହାରି ସହରର ମୁଖ୍ୟ ରାସ୍ତା ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ପୁରୀର ପ୍ରସିଦ୍ଧ ଘଣ୍ଟୁଆ ଦଳଙ୍କ ଘଣ୍ଟନାଦ ଓ ଶଙ୍ଖଧ୍ୱନି ପରିବେଶକୁ ଆଧ୍ୟାତ୍ମିକ ମୟ କରିଥିବା ବେଳେ କଟକର ପ୍ରସିଦ୍ଧ ସିଂଘ ବାଜା ଦଳ ଏହାର ଆକର୍ଷଣକୁ ଆହୁରି ବଢ଼ାଇଥିଲେ। ଏଥିସହ ଲଉଡ଼ି ଖେଳାଳିଙ୍କ ଚି ।କର୍ଷକ ଲଉଡ଼ି ବାଡ଼ି ଖେଳ ଦର୍ଶକଙ୍କ ମନ ମୋହିଥିଲା। ସୁସଜ୍ଜିତ ବିମାନରେ ସାଇ ବାବାଙ୍କ ମୂର୍ତ୍ତିଙ୍କୁ ବିରାଜମାନ କରାଯାଇ ନଗର ପରିକ୍ରମା କରାଯାଇଥିଲା। ଶିରିଡ଼ି ସାଇ ବାବାଙ୍କ ବିମାନ ଓ ପାଦୁକା ଏହି ଶୋଭାଯାତ୍ରାର ମୁଖ୍ୟ ଆକର୍ଷଣ ପାଲଟିଥିଲା। ଏହି ଶୋଭାଯାତ୍ରାରେ ଶହ ଶହ ସାଇ ଭକ୍ତ ଓ ଶ୍ରଦ୍ଧାଳୁ ସାମିଲ ହୋଇ ସାଇ ବାବାଙ୍କ ଜୟ ଜୟକାର କରିଥିଲେ। ଭକ୍ତିମୟ ପରିବେଶ ଓ ଜୟଧ୍ୱନିରେ ସମଗ୍ର ଢେଙ୍କାନାଳ ସହର ପ୍ରକମ୍ପିତ ହୋଇଉଠିଥିଲା। ଶୋଭାଯାତ୍ରା ଶ୍ରୀରାମ ମଣ୍ଡପରେ ପହଞ୍ଚିବା ପରେ ସେଠାରେ ଏକ ଭବ୍ୟ ଭଜନ ସମାରୋହ ଆୟୋଜିତ ହୋଇଥିଲା। ଏଥିରେ ଭକ୍ତମାନେ ସାଇ ଭଜନରେ ମଜ୍ଜି ଯାଇଥିଲେ। ଉପସ୍ଥିତ ସମସ୍ତ ଭକ୍ତଙ୍କ ପାଇଁ ଟ୍ରଷ୍ଟ ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି ତ୍ରିଦିବସୀୟ ଉତ୍ସବର ଦ୍ୱିତୀୟ ଦିନ ଶନିବାର ସାଇ ସତ୍ୟନାରାୟଣ ବ୍ରତ ପୂଜା ଅନୁଷ୍ଠିତ ହେବାକୁ ଥିବାବେଳେ ତୃତୀୟ ଦିନ ରବିବାର ଏକଦିବସୀୟ ସାଇ ସତଚରିତ ପାରାୟଣ ଆୟୋଜନ କରାଯିବ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ଭକ୍ତ ଯୋଗଦେବାକୁ ଟ୍ରଷ୍ଟ ପକ୍ଷରୁ ନିବେଦନ କରାଯାଇଛି।

ନବନିର୍ମାଣ ସଂଗଠନର ଢେଙ୍କାନାଳରେ ବିଶାଳ ଶୋଭାଯାତ୍ରା



ଢେଙ୍କାନାଳରେ, ୧୩!୧୧: ନବନିର୍ମାଣ କୃଷକ ସଂଗଠନ ଆଜି ଢେଙ୍କାନାଳ ଜିଲ୍ଲାରେ ତାର ଶକ୍ତି ପ୍ରଦର୍ଶନ କରିଛି। ନୂଆ ସରକାର ନିର୍ବାଚନରେ ଦେଇଥିବା ପ୍ରତିଶୃତି ସହ ଲୋକଙ୍କ ଆଶା ଆକାଂକ୍ଷା ପୂରଣ କରିବାକୁ ନବନିର୍ମାଣ ସଂଗଠନ ସରକାରକୁ ଆହ୍ୱାନ ଦେଇଛି। ଜିଲ୍ଲା ସଂଯୋଜକ ପ୍ରହଲ୍ଲାଦ ସାହୁ, ଜିଲ୍ଲା ପ୍ରଭାରୀ ଅଶ୍ୱିନୀ ଜେନାଙ୍କ ନେତୃତ୍ୱରେ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ପ ।ୟତରୁ ଆସିଥିବା ହଜାର ହଜାର ସଂଖ୍ୟାରେ କୃଷକ, ମହିଳା, ଯୁବକ ଓ ଛାତ୍ରମାନେ ବାଜି ଚୌକ ଛକରେ ଏକତ୍ରିତ ହୋଇଥିଲେ। ସେଠାରୁ ଶୋଭାଯାତ୍ରାକାରୀମାନେ ଶାନ୍ତିପୂର୍ଣ୍ଣ ଭାବେ ୧୭ ଦଫା ଦାବୀ ସହିତ ହାତରେ ପ୍ଲା କାର୍ଡ, ବ୍ୟାନର ଧରି ବାଜିଚୌକ ଛକରୁ ଜିଲ୍ଲାପାଳ କାର୍ଯ୍ୟାଳୟ ଅଭିମୁଖେ ଆସିଥିଲେ। ପରେ ସେଠାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ବିକ୍ଷୋଭକାରୀଙ୍କୁ ଉଦବୋଧନ ଦେଇ ନବନିର୍ମାଣ କୃଷକ ସଂଗଠନ ଓ ଯୁବଛାତ୍ର ସଂଗଠନର ପ୍ରତିଷ୍ଠାତା ଅକ୍ଷୟ କୁମାର ବକ୍ତବ୍ୟ ଦେଇ କହିଥିଲେ ଯେ, ପ୍ରଶାସନ ଲୋଭିମୁଖୀ ନ ହେବା ଦ୍ୱାରା ସାଧାରଣ ଲୋକେ ଉପେକ୍ଷିତ ହେଉଛନ୍ତି। ବର୍ଷ ବର୍ଷ ଧରି ଢେଙ୍କାନାଳ ଜିଲ୍ଲାରେ ଆତଙ୍କ ସୃଷ୍ଟି କରୁଥିବା ହାତୀ, ବାରହା କବଳରୁ ରକ୍ଷା ପାଇବାର ସ୍ଥାୟୀ ପ୍ରତିକାର ଆଜି ପର୍ଯ୍ୟନ୍ତ କରାଯାଉ ନାହିଁ କି କ୍ଷତି ପୂରଣ ଚାଷୀଙ୍କୁ ମିଳୁନାହିଁ। ବୟସ ୮୦ ହେଲା ପରେ ବି ବୁଢ଼ା-ବୁଢ଼ୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳୁନାହିଁ। ଏହା ଶାସନର ବଡ଼ ବିସଙ୍ଗତି, ଯେଉଁମାନେ ଇନ୍ଦରାବାସ, ଭତ୍ତା ପ୍ରଭୃତିର ଯୋଗ୍ୟ ହୀତାଧିକାରୀ ସେମାନଙ୍କୁ ନିଜ ଆଡ଼ ବ୍ଲକ୍ ଓ ଜିଲ୍ଲା ପ୍ରଶାସନ କ୍ୟାମ୍ପ କରି ସମାଧାନ କରନ୍ତୁ ଏବଂ ନିଶା କୁ ଢେଙ୍କାନାଳ ରୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ପ୍ରତିଶ୍ରୁତି ଦେଇଥିବା ନେତା ତୁରନ୍ତ ନିଶା କୁ ଢେଙ୍କାନାଳରୁ ହଟେଇ ଧନ ଜୀବନ ରକ୍ଷା କରନ୍ତୁ । ନବନିର୍ମାଣ ଯୁବ ଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ମନଓ୍ୱର ଅଲ୍ଲୀ କହିଲେ, ଢେଙ୍କାନାଳ ଜିଲ୍ଲାର ଚାଷୀ, ମହିଳା, ଯୁବକ ଓ ଛାତ୍ରଛାତ୍ରୀ ବିଭିନ୍ନ ସମସ୍ୟାରେ ଜର୍ଜରିତ। ଚାଷୀଙ୍କୁ ଉପଯୁକ୍ତ ପ୍ରାପ୍ୟ, ଯୁବକଙ୍କୁ ରୋଜଗାର ଓ ସାଧାରଣ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇବା ସରକାରଙ୍କ ପ୍ରାଥମିକତା ହେବା ଉଚିତ। ଏହି ଦାବିଗୁଡ଼ିକ ଜନସାଧାରଣଙ୍କ ସ୍ୱାର୍ଥ ସହ ଜଡ଼ିତ। ଢେଙ୍କାନାଳ ପ୍ରଭାରୀ ଅଶ୍ୱିନୀ ଜେନା କହିଲେ, ଏହି ଆନ୍ଦୋଳନ ଚାଷୀ ଓ ସାଧାରଣ ଜନତାଙ୍କ ନ୍ୟାଯ୍ୟ ଅଧିକାର ପାଇଁ। ଗଣତାନ୍ତ୍ରିକ ଓ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଜାରି ଦିଆଯାଇଥିବା ୧୭ ଦାବିକୁ ସରକାର ତୁରନ୍ତ ଏହାର ସମାଧାନ କରନ୍ତୁ ନଚେତ୍ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବ। ଆଜିର ବିକ୍ଷୋଭ ରେ ରାଜ୍ୟ ସଂଯୋଜକ ରଶ୍ମି ରଞ୍ଜନ ସ୍ୱାଇଁ, ରାଜ୍ୟ ମହିଳା ସଂଯୋଜିକା ମଧୁମିତା ସାମଲ,ଜିଲ୍ଲା ସଂଯୋଜକ ଚନ୍ଦ୍ରଶେଖର ବରାଳ, ଭଦ୍ରକ ସଂଯୋଜକ ତ୍ରିଲୋଚନ ପଣ୍ଡା, ଜଗତସିଂପୁର ଜିଲ୍ଲାର ଚାଷୀ ନେତା ଦୁର୍ଗା ପ୍ରସାଦ ସ୍ୱାଇଁ, ସୁରେନ୍ଦ୍ର ମହାରଣା, ବାଲେଶ୍ୱର ସଂଯୋଜକ ରଞ୍ଜିତ ପଟ୍ଟନାୟକ, କେନ୍ଦ୍ରାପଡ଼ା ସଂଯୋଜକ ଅକୁର ପଲେଇ , ଢେଙ୍କାନାଳ ସହ ସଂଯୋଜକ ସୁଧାକର ପରିଡ଼ା, ମହିଳା ନେତ୍ରୀ ବାସନ୍ତୀ ସ୍ୱାଇଁ, ମହିଳା ନେତ୍ରୀ ଟିକିଲି ପଣ୍ଡା ଖୁଲଣା ମହାନଗର ସଂଯୋଜକ ଅଜୟ ମଣ୍ଡଳ, ଯୁବ ନେତା ଅଭିଜିତ ସାହୁ, ଛାତ୍ର ନେତା ଅଭିଷେକ ସାହୁ, ଛାତ୍ରୀ ନେତ୍ରୀ ସୁଷ୍ମିତା ସାମଲ, ନରହରି ନାୟକ, ଜ ଗବନ୍ଧୁ ସାହୁ, ରଘୁନାଥ ସିଂ, ଧର୍ମାନନ୍ଦ ପୃଷ୍ଟି, ଶ୍ରୀପତି ପ୍ରଧାନ, ଦୁଷ୍ମନ୍ତ ଗଡ଼ନାୟକ, ରଥ ସେଠୀ, ଚନ୍ଦ୍ରମଣି ସାହୁ, ଭାଗିରଥୀ ସାହାଣୀ, ଖୋର୍ଦ୍ଧା ରୁ ନିରଞ୍ଜନ ପ୍ରଧାନ, ଗଞ୍ଜାମ ରୁ ଗଣେଶ ବେହେରା, ବହୁ ଚାଷୀ ନେତୃତ୍ୱ ଚାଷୀ ସାମିଲ ହେଇଥିଲେ

ଶିଶୁ ଶ୍ରମିକମୁକ୍ତ ଗ୍ରାମ ପଞ୍ଚାୟତ ଗଠନ ନିମନ୍ତେ ୪୪ ଦିନିଆ ଅଭିଯାନ ଅନ୍ତର୍ଗତ ଜିଲ୍ଲାସ୍ତରୀୟ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ



ସୁନ୍ଦରଗଡ଼: ଶିଶୁ ଶ୍ରମିକମୁକ୍ତ ଗ୍ରାମ ପଞ୍ଚାୟତ ଗଠନ ଲକ୍ଷ୍ୟରେ ଚାଲିଥିବା ୪୪ ଦିନିଆ ଅଭିଯାନ ଅନ୍ତର୍ଗତ ଆଜି ସ୍ଥାନୀୟ ମ୍ୟୁନିସିପାଲ ହାଇସ୍କୁଲଠାରେ ଜିଲ୍ଲାସ୍ତରୀୟ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ସଫଳତାର ସହ ଆୟୋଜିତ ହୋଇଯାଇଛି। ଶ୍ରମ ଓ ଇଏସ୍ ?ଆଇ ବିଭାଗ, ଓଡ଼ିଶା ସରକାରଙ୍କ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଶିଶୁ ଶ୍ରମିକ ପ୍ରଥାର କୁପରିଣାମ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା, ଶିଶୁମାନଙ୍କ ଅଧିକାର ଓ ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ଜନସଚେତନତା ବୃଦ୍ଧି କରିବା ଏବଂ ଶିଶୁ ଶ୍ରମିକମୁକ୍ତ ସମାଜ ଗଠନରେ ଯୁବପିଢ଼ିଙ୍କ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରିବା। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଏହି ପ୍ରତିଯୋଗିତାରେ ଭାଗ ନେଇ ଶିଶୁ ଶ୍ରମିକ ପ୍ରଥାର କୁପ୍ରଭାବ, ଶିଶୁମାନଙ୍କ ଶାରୀରିକ, ମାନସିକ ଓ ଶିକ୍ଷାଗତ ବିକାଶ ଉପରେ ଏହାର ପ୍ରଭାବ ଏବଂ ଏହି ସାମାଜିକ ବ୍ୟାଧିର ନିରାକରଣରେ ସମାଜର ସାମୂହିକ ଦାୟିତ୍ୱ ସମ୍ପର୍କରେ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶ୍ରମ ଅଧିକାରୀ, ସହକାରୀ ଶ୍ରମ ଅଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷକ-ଶିକ୍ଷୟିତ୍ରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଉପସ୍ଥିତ ଅଧିକାରୀମାନେ ଶିଶୁ ଶ୍ରମିକ ପ୍ରଥାର ନିରାକରଣ ଦିଗରେ ସରକାରୀ ବିଭାଗ, ଶିକ୍ଷାନୁଷ୍ଠାନ, ଅଭିଭାବକ ଓ ସମାଜର ସାମୂହିକ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଛାତ୍ରଛାତ୍ରୀମାନେ ନିଜେ ସଚେତନ ହେବା ସହ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରି ଶିଶୁ ଶ୍ରମିକମୁକ୍ତ ସମାଜ ଗଠନରେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ।

ବ୍ରଜରାଜନଗର ପୌର ପରିଷଦରେ ମଧୁବାବୁ ପେନସନ୍ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଂଟନ କାର୍ଯ୍ୟକ୍ରମ

ଝାରସୁଗୁଡ଼ା: ବ୍ରଜରାଜନଗର ପୌରପରିଷଦ ଆନୁକୂଲ୍ୟରେ ଆଜି 'ମଧୁବାବୁ

କୋଶଳ ସମାଜ
ଶନିବାର ୧୪ ନଭେମ୍ବର ୨୦୨୬



ନାକାବନ୍ଦୀ ଦେଖି ୟୁ-ଟର୍ଣ୍ଣ ମାରି ଖସିଯିବାକୁ ଉଦ୍ୟମ କରୁଥିଲେ ମାଫିଆ



ସୁବର୍ଣ୍ଣପୁର, ୧୩/୧୧ (ସରୋଜ ପ୍ରକାଶ ପଧାନ): ନିଶା ମାଫିଆଙ୍କ ସବୁ ଚାଲ୍‌କୁ ପଣ୍ଡ କରିଦେଇଛି ସୁବର୍ଣ୍ଣପୁର ପୋଲିସ। ପୋଲିସ ଚେକିଂ ଦେଖି ଫିଲ୍ମି ଷ୍ଟାଇଲରେ ଗାଡ଼ି ବୁଲାଇ ଚମ୍ପଟ ମାରିବାକୁ ଚେଷ୍ଟା କରୁଥିବା ଗଞ୍ଜେଇ ମାଫିଆଙ୍କୁ ଗୋଡ଼ାଇ ଗୋଡ଼ାଇ ଧରିବାରେ ସଫଳ ହୋଇଛି ଉଲୁଣ୍ଡା ପୋଲିସ। ସୋନପୁର-ସମ୍ବଲପୁର ମୁଖ୍ୟ ରାସ୍ତାର ପିପିଲିକାନି ଛକ ନିକଟରୁ ଏକ ବିଳାସପୂର୍ଣ୍ଣ କ୍ରେଟା (Creta) କାରରୁ ୧ କ୍ୱିଣ୍ଟାଲ ୭୫ କେଜି ଗଞ୍ଜେଇ ଜବତ ହେବା ସହ ଏହି ରାକେଟ୍‌ର ମୁଖ୍ୟ କାର୍ପଟଦାର ସମେତ ମୋଟ ୬ ଜଣଙ୍କୁ ଗିରଫ କରାଯାଇଛି।

ସୋନପୁର ପଟରୁ ସମ୍ବଲପୁର ଅଭିମୁଖେ ଏକ କ୍ରେଟା କାର ଯୋଗେ ବିପୁଳ ପରିମାଣର ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ସୁବର୍ଣ୍ଣପୁର ଏସ୍.ପି ନାରାୟଣ ନାଏକଙ୍କ ନିକଟରେ ଗୁପ୍ତ ସୂଚନା ପହଞ୍ଚିଥିଲା। ଏସ୍.ପିଙ୍କ ନିର୍ଦ୍ଦେଶ କ୍ରମେ ଉଲୁଣ୍ଡା ଥାନା ସମ୍ମୁଖରେ ପୋଲିସ ପକ୍ଷରୁ କଡ଼ାକଡ଼ି ନାକାବନ୍ଦୀ ଓ ଯାନବାହନ ଯା ଆରମ୍ଭ ହୋଇଥିଲା। ତେବେ ଦୂରରୁ ପୋଲିସ ଚେକିଂ ଦେଖି ଗାଡ଼ିରେ ଥିବା ମାଫିଆମାନେ ଛାନିଆ ହୋଇପଡ଼ିଥିଲେ। ଖସିଯିବା ଉଦ୍ଦେଶ୍ୟରେ ସେମାନେ ହଠାତ୍ କାରଟିକୁ ୟୁ-ଟର୍ଣ୍ଣ ମାରି ପୁଣି ସୋନପୁର ପଟକୁ ଦ୍ରୁତ ଗତିରେ ଫେରାର ମାରିବାକୁ ଚେଷ୍ଟା କରିଥିଲେ। ମାଫିଆଙ୍କ ଏଭଳି ଗତିବିଧି ଦେଖି ତୁରନ୍ତ ଆକ୍ସନ ମୋଡ୍‌କୁ ଆସିଥିଲା ପୋଲିସ। ଉଲୁଣ୍ଡା ଆଇଆଇସି ସୁଶାନ୍ତ ପଧାନଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ସଙ୍ଗେ ସଙ୍ଗେ କାରଟିର ପିଛା କରିଥିଲା। କିଛି ଦୂର ଗୋଡ଼ାଇବା ପରେ ପିପିଲିକାନି ଛକ ନିକଟରେ କାରଟିକୁ କାବୁ କରିବାରେ ପୋଲିସ ସଫଳ ହୋଇଥିଲା। ଘଟଣାସ୍ଥଳରେ ମାଜିଷ୍ଟ୍ରେଟ ନିରଞ୍ଜନ ଧଳଙ୍କ ଉପସ୍ଥିତିରେ କାରଟିକୁ ତଲାସି କରାଯିବା ପରେ ସେଥିରୁ ୧୭୩ଟି ପ୍ୟାକେଟ ଗଞ୍ଜେଇ ବାହାରିଥିଲା। ଓଜନ କରିବାରୁ ଏହାର ପରିମାଣ ୧ କ୍ୱିଣ୍ଟାଲ ୭୫ କେଜି ହୋଇଥିବା ଜଣାପଡ଼ିଛି, ଯାହାର ଆନୁମାନିକ ବଜାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ପୋଲିସ ପ୍ରଥମେ କାରରେ ଥିବା ଝାଡ଼ଖଣ୍ଡ ଅଞ୍ଚଳର ସୁମିତ କୁମାର ଓ ଲଳିତ କୁମାରଙ୍କୁ ଘଟଣାସ୍ଥଳରୁ ଗିରଫ କରିଥିଲା। ପରେ ସେମାନଙ୍କୁ କଡ଼ା ଜେରା କରାଯିବାରୁ ଏହି ଅନ୍ତଃରାଜ୍ୟ ରାକେଟ୍‌ର ଗୁମର ଫିଟିଥିଲା। ଅଭିଯୁକ୍ତଙ୍କ ବୟାନ ଆଧାରରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଗଞ୍ଜେଇ ଯୋଗାଇଥିବା ମୁଖ୍ୟ କାର୍ପଟଦାର ଏବଂ ଅନ୍ୟ ତିନି ଜଣ ସହଯୋଗୀଙ୍କୁ ମଧ୍ୟ ବାନ୍ଧିବାରେ ସଫଳ ହୋଇଛି। ପୂର୍ବରୁ ମାଫିଆମାନେ ମାଲବାହୀ ଟ୍ରକ୍ କିମ୍ବା ପିକ୍‌ଅପ୍ ଭ୍ୟାନ୍‌ରେ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଏବେ ପୋଲିସ ଆଖିରେ ଧୂଳି ଦେବା ପାଇଁ ଦାମୀ ଓ ବିଳାସପୂର୍ଣ୍ଣ କାର(ଯେପରିକି କ୍ରେଟା) ବ୍ୟବହାର କରୁଛନ୍ତି। ଏହାଛଡ଼ା ସୋନପୁର-ସମ୍ବଲପୁର ରାଜପଥ ଦେଇ ଝାଡ଼ଖଣ୍ଡ ଓ ବିହାର ଭଳି ରାଜ୍ୟକୁ ନିଶା ଚାଲାଣ ପାଇଁ ମାଫିଆମାନେ ଏହାକୁ ଏକ ସୁରକ୍ଷିତ କରିଡର ଭାବେ ବାଛି ନେଇଛନ୍ତି। କିନ୍ତୁ ସୁବର୍ଣ୍ଣପୁର ଏସ୍.ପିଙ୍କ ନେତୃତ୍ୱରେ ଗୁଇନ୍ଦା ତଥ୍ୟ ସଂଗ୍ରହ ଓ ତ୍ୱରିତ କାର୍ଯ୍ୟାନୁଷ୍ଠାନ ମାଫିଆଙ୍କ ଅଣ୍ଟା ଭାଙ୍ଗି ଦେଇଛି। କେବଳ ବାହକଙ୍କୁ ନଧରି ସିଧାସଳଖ ମୁଖ୍ୟ କାର୍ପଟଦାର ପାଖରେ ପହଞ୍ଚିବା ଉଲୁଣ୍ଡା ପୋଲିସର ଏକ ବଡ଼ ରଣନୈତିକ ସଫଳତା ଭାବେ ବିବେଚନା କରାଯାଉଛି। ନିଶା କାରବାର ବିରୋଧରେ ପୋଲିସର ଏହି ଜିରୋ-ଟଲେରାନ୍ସ ଆଭିମୁଖ୍ୟକୁ ସାଧାରଣରେ ପ୍ରଶଂସା କରାଯାଉଛି। ତେବେ ଏହି ରାକେଟ୍‌ର ଚେର ଆଉ କେଉଁଆଡ଼େ ଲମ୍ବିଛି ଏବଂ ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

କିର୍ମିରା ପଂଚାୟତ ସମିତିର ସାଧାରଣ ଅଧିବେଶନ; ଅଂଚଳର ସାମଗ୍ରିକ ବିକାଶ ଉପରେ ବିଧାୟକଙ୍କ ଗୁରୁତ୍ୱାରୋପ

ଝାରସୁଗୁଡ଼ା ; ଆଜି କିର୍ମିରା ଠାରେ ପଂଚାୟତ ସମିତିର ଏକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେଶନରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ ଅଂଚଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ, ମୌଳିକ ଭିତିଭୂମିର ବିକାଶ ଏବଂ ସାଧାରଣ ଜନତାଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ବୈଠକରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ଯେପରି ତୃଣମୂଳ ସ୍ତରରେ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଂଚିପାରିବ ଏବଂ ଏହାର ସଫଳ ରୂପାୟନ ହୋଇପାରିବ, ସେ ନେଇ ବିଧାୟକ ତ୍ରିପାଠୀ ସମୀକ୍ଷା କରିଥିଲେ। ଚାଲିଥିବା ବିଭିନ୍ନ ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବା ସହ ଗୁଣବତ୍ତା ବଜାୟ ରଖିବାକୁ ସେ ବିଭାଗୀୟ ଅଧିକାରୀ ଓ ଜନପ୍ରତିନିଧିମାନଙ୍କୁ ପରାମର୍ଶ ଦେଇଥିଲେ। ଅଂଚଳର ସାମଗ୍ରିକ ବିକାଶକୁ ଅଧିକ ଗତିଶୀଳ ଓ ସୁଦୃଢ଼ କରିବା ସହ ସାଧାରଣ ଲୋକଙ୍କ ଆଶା ଓ ଆକାଂକ୍ଷା ପୂରଣ ଦିଗରେ ସମସ୍ତେ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ ପଂଚାୟତ ସମିତି ସଭାରେ କିର୍ମିରା ପଂଚାୟତ ସମିତି ଅଧ୍ୟକ୍ଷା କୃଷ୍ଣପ୍ରିୟା ସାହୁ, ଉପାଧ୍ୟକ୍ଷା ସାବିତ୍ରୀ ମାଝୀ, କିର୍ମିରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଭିନାଶ ଲାକ୍ରା ଏବଂ ତହସିଲଦାର ସଞ୍ଜୀବ କୁଲୁ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଉନ୍ନୟନମୂଳକ ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ। ଏଥିସହ ବିଧାୟକ ତ୍ରିପାଠୀ ସମୀକ୍ଷା କରିଥିଲେ। ଚାଲିଥିବା ବିଭିନ୍ନ ପ୍ରକଳ୍ପଗୁଡ଼ିକୁ ବୈଠକରେ ବିଜୟ ଶର୍ମା ଏବଂ ଉଦ୍ଧବ ସିଂ ନାଏକଙ୍କ ସମେତ ଅନ୍ୟାନ୍ୟ ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ରଘୁନାଥପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗଣିତ ଓ ବିଜ୍ଞାନ ସର୍କଲ ଅନୁଷ୍ଠିତ

ଝାରସୁଗୁଡା: କୋଲାବିରା ବ୍ଲକ ଅନ୍ତର୍ଗତ ପିଏମ ଶ୍ରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରଘୁନାଥପାଲି ଠାରେ ଗତ ୧୦ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ଚାରିଦିନିଆ 'ଗଣିତ ଓ ବିଜ୍ଞାନ ସର୍କଲ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଭୋଳାନାଥ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ କୋଲାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ପ୍ରକାଶ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରଘୁନାଥପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ପଧାନ ଯୋଗ ଦେଇଥିଲେ। ବିଚାରକ ମଣ୍ଡଳୀ ଭାବେ ରଘୁନାଥପାଲି ହାଇସ୍କୁଲର ଗଣିତ ଶିକ୍ଷକ ପ୍ରଶାନ୍ତ କୁମାର ବିଶ୍ୱାଳ ଏବଂ ବିଜ୍ଞାନ ଶିକ୍ଷୟିତ୍ରୀ ପ୍ରଜ୍ଞାପରମିତା ପଟେଲ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ।

ଆଦର୍ଶ ଗ୍ରାମ ପଞ୍ଚାୟତ ସ୍ତରୀୟ ସଂଘର ନବମ ପ୍ରତିଷ୍ଠା ଦିବସ ପାଳିତ



ସୋନପୁର, ୧୩/୧୧ (ସରୋଜ ପ୍ରକାଶ ପଧାନ) , ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ଆଦର୍ଶ ଗ୍ରାମ ପଞ୍ଚାୟତ ସ୍ତରୀୟ ସଂଘର ନବମ ପ୍ରତିଷ୍ଠା ଦିବସ ଆଜି ଆନନ୍ଦ ଓ ଉତ୍ସାହର ସହ ପାଳିତ ହୋଇଯାଇଛି। ୧୩ ନଭେମ୍ବର ୨୦୧୭ ମସିହାରେ ସ୍ଥାପିତ ଏହି ସଂଘ ଦୀର୍ଘ ନଅ ବର୍ଷ ଧରି ମହିଳା ସଶକ୍ତିକରଣ, ଆର୍ଥିକ ସ୍ୱାବଲମ୍ବନ ଓ ଗ୍ରାମୀଣ ଜୀବିକାର ବିକାଶ ଦିଗରେ ନିରନ୍ତର କାର୍ଯ୍ୟ କରିଆସୁଛି। ଏହି ଅବସରରେ ଓଡ଼ିଶା ଜୀବିକା ମିଶନ ବୀରମହାରାଜପୁରର ଭାରପ୍ରାପ୍ତ ଗୋଷ୍ଠି ପ୍ରକଳ୍ପ ପ୍ରବନ୍ଧକ ଶ୍ରୀ ରମାକାନ୍ତ ହରିପାଲ ଙ୍କ ସହ ଡିଇଓ ପ୍ରଫୁଲ୍ଲ ବାରିକ୍,ସଂଘର ସଭାନେତ୍ରୀ ମୀରା ବାରିକ୍ ସମ୍ପାଦିକା ମାଧୁରୀ ମେହେର ନଥି ପତ୍ର ପରିଚାଳିକା ବବିତା ରାଣୀ ମହାପାତ୍ର, ବ୍ୟାଙ୍କ୍ ମିତ୍ର ଇନ୍ଦୁମତୀ ତାଣ୍ଡିଆ ଙ୍କ ସମେତ କାର୍ଯ୍ୟକାରୀ କମିଟିର ସଦସ୍ୟା, ସିଆରପି ଭଉଣୀ ମାନେ ଉପସ୍ଥିତ ଥିଲେ। ସଂଘର ଏହି ନଅ ବର୍ଷର ଯାତ୍ରା କେବଳ ଏକ ସଂଗଠନର ସଫଳତା ନୁହେଁ, ବରଂ ଗ୍ରାମା ଳର ହଜାର ହଜାର ମହିଳାଙ୍କ ସ୍ୱପ୍ନ, ସଂଘର୍ଷ, ଏକତା ଓ ଆତ୍ମବିଶ୍ୱାସର ପ୍ରତୀକ ଓ ମହିଳାମାନଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ସହିତ ଜୀବିକା ବିକାଶ, ସାମାଜିକ ସଚେତନତା, ଉଦ୍ୟୋଗୀକରଣ ଏବଂ ଗ୍ରାମର ସାମଗ୍ରିକ ବିକାଶରେ ସଂଘର ଭୂମିକା ଉଲ୍ଲେଖନୀୟ ବୋଲି ରମାକାନ୍ତ ହରିପାଲ ନିଜର ଉଦବୋଧନ ଦେଇଥିଲେ। ଏହି ଅବସରରେ ଆଗାମୀ ଦିନରେ ସଂଘକୁ ଅଧିକ ସୁଦୃଢ଼ କରିବା, ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀକୁ ସକ୍ରିୟ କରିବା ଏବଂ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ସଭାନେତ୍ରୀ ମୀରା ବାରିକ ସମସ୍ତଙ୍କୁ ସଂକଳ୍ପବଦ୍ଧ କରାଇଥିଲେ। ଏକତା ହିଁ ଶକ୍ତି, ସହଯୋଗ ହିଁ ସଫଳତା ଏବଂ ମହିଳା ସଶକ୍ତିକରଣ ହିଁ ଆମର ଲକ୍ଷ୍ୟ ଏହି ବାର୍ତ୍ତା ସହ ନବମ ପ୍ରତିଷ୍ଠା ଦିବସ ପାଳନ ହୋଇଥିଲା।

ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ଯୁବ ସଂସଦ ୨୦୨୬-୨୭ ଅନୁଷ୍ଠିତ

ନିଶାମୁକ୍ତ ଯୁବ ସମାଜ ଗଠନ ଓ ବିକଶିତ ଭାରତ ନିର୍ମାଣ ଉପରେ ଗୁରୁତ୍ୱ



ସୋନପୁର: ନିଶାମୁକ୍ତ ଭାରତ ସଂକଳ୍ପକୁ ନେଇ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ଯୁବ ସଂସଦ ୨୦୨୬-୨୭ କାର୍ଯ୍ୟକ୍ରମ ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟ, ସୋନପୁରଠାରେ ଅନୁଷ୍ଠିତ ହୋଇଯାଇଛି। ମେରା ଯୁବା ଭାରତ, ସୁବର୍ଣ୍ଣପୁର ଜିଲ୍ଲା ଶାଖାର ଜିଲ୍ଲା ଯୁବ ଅଧିକାରୀ ପ୍ରସନ୍ନ ମେହେରଙ୍କ ସଂଯୋଜନାରେ ବିକଶିତ ଭାରତ @ 2047 ଲକ୍ଷ୍ୟ ଆଧାରରେ 'ନିଶାମୁକ୍ତ ଯୁବା ପାଇଁ ବିକଶିତ ଭାରତ' ଶୀର୍ଷକରେ ବକ୍ତୃତା ଓ ବିତର୍କ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ୩୫ ଜଣ ଯୁବ ପ୍ରତିଯୋଗୀ ଅଂଶଗ୍ରହଣ କରି ନିଜର ମତାମତ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ରୀତାରାଣୀ ପୂଜାହାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ MY Bharatର ଅବସରପ୍ରାପ୍ତ ଇଚଇ ବିପିନ ବିହାରୀ ଜେନା, ବିଚାରକ ମଣ୍ଡଳୀ ଭାବେ ଅଦିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ. ଜ୍ୟୋତିରଞ୍ଜନ ବୋହିଦାର, ସାହାରା ଟ୍ରଷ୍ଟ ହାଇସ୍କୁଲର ପ୍ରଧାନଶିକ୍ଷକ ଗୋତି କୃଷ୍ଣ ମିଶ୍ର, ଓଏଭି ପିପିଲିପାଲିର ଅଧ୍ୟକ୍ଷ ଅରୁଣ ମହାକୁର, ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ସୋନପୁରର ଦିଗନ୍ତ କୁମାର ମହାପାତ୍ର, ସୋନପୁର କଲେଜର NSS DPO ଧୀରେନ୍ଦ୍ର ମିଶ୍ର, ମଡେଲ ଡିଗ୍ରୀ କଲେଜର ଓଡ଼ିଆ ବିଭାଗର ଅଧ୍ୟାପକ ତଥା NSS ଅଧିକାରୀ ଡ. ସନ୍ତୋଷ ଭୋଇ ଏବଂ ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ମଦନ ସୁନ୍ଦର ଖେତୀ ପ୍ରମୁଖ ଯୋଗଦେଇଥିଲେ। ଯୁବପିଢ଼ିଙ୍କ ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ, ସଂସଦୀୟ ପରମ୍ପରା, ନେତୃତ୍ୱ ଦକ୍ଷତା ଏବଂ ରାଷ୍ଟ୍ର ନିର୍ମାଣ ପ୍ରତି ଦାୟିତ୍ୱବୋଧ ସୃଷ୍ଟି ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏକ ସୁସ୍ଥ, ସଶକ୍ତ ଓ ନିଶାମୁକ୍ତ ଯୁବସମାଜ ଗଠନ ବିନା ବିକଶିତ ଭାରତର ସ୍ୱପ୍ନ ସାକାର ହେବା ଅସମ୍ଭବ ବୋଲି ମତ ପ୍ରକାଶ ପାଇଥିଲା। ବିତର୍କ ପ୍ରତିଯୋଗିତାରେ ସୋନପୁର କଲେଜର ରଜନନ୍ଦିନୀ ଭୁତା ପ୍ରଥମ, ବିଶ୍ୱରୂପା ସାହୁ ଦ୍ୱିତୀୟ ଏବଂ ମଡେଲ ଡିଗ୍ରୀ କଲେଜ, ସୋନପୁରର ନମାମି ତେଜସ୍ୱିନୀ ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ MY Bharat ସ୍ୱେଚ୍ଛାସେବୀ ଦେବେନ୍ଦ୍ର ପୋଢ଼, ଆଜାଦ ଭୋଇ, ଲକ୍ଷ୍ମଣ ବାରିକ, ଦୀପକ ଭୋଇ, ସୁନୀଲ କୁମାର ପ୍ରଧାନ, ଦେବାଶିଷ କମ୍ପ, ଆଲୋକ ରଞ୍ଜନ ନାଏକ, ସୁଜ୍ଞାନୀ ବାରିକ, ସୁପର୍ଣ୍ଣା ମିଶ୍ର, ନଚିକେତା ଦତ୍ତା, ସାଗରିକା କର୍ଣ୍ଣ ଓ ସନ୍ତୋଷିନୀ ସାହୁ ସହଯୋଗ କରିଥିଲେ। ଏଥିସହ କୃପାସିନ୍ଧୁ ସା ଓ ରାଜେଶ ମହଲା ଉପସ୍ଥିତ ଥିଲେ। ଏହି ଯୁବ ସଂସଦ କାର୍ଯ୍ୟକ୍ରମ ଯୁବପିଢ଼ିଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ବିଚାର ପ୍ରକାଶ କରିବାର ଦକ୍ଷତା ଓ ସାମାଜିକ ଦାୟିତ୍ୱବୋଧ ବୃଦ୍ଧି କରିବା ସହ ଏକ ସଚେତନ ଓ ଦାୟିତ୍ୱବାନ ନାଗରିକ ସମାଜ ଗଠନରେ ସହାୟକ ହେବ ବୋଲି ଅତିଥିମାନେ ମତ ଦେଇଥିଲେ।

ଦେଶୀ ମଦ ଭାଟି ବିରୋଧରେ ୯ ଦିନ ଧରି ଧାରଣାରେ ମୁକ୍ତିକାନ୍ତ ବିଶ୍ୱାଳ



ରାଉରକେଲା: ନିଶାମୁକ୍ତ ଅଞ୍ଚଳ ଗଠନର ସ୍ୱପ୍ନ ଦେଖୁଥିବା ପ୍ରଶାସନ ଅନ୍ୟପଟେ ଦେଶୀ ମଦ ଭାଟି ଖୋଲିବାକୁ କିପରି ଅନୁମତି ଦେଉଛି ? ଏଭଳି ପ୍ରଶ୍ନ ଉଠାଇ ଦେଶୀ ମଦ ଭାଟି ବିରୋଧରେ ଆନ୍ଦୋଳନ ଜାରି ରଖିଛନ୍ତି ମୁକ୍ତିକାନ୍ତ ବିଶ୍ୱାଳ।ଦେଶୀ ମଦ ଭାଟି ବନ୍ଦ ଦାବିରେ ମୁକ୍ତିକାନ୍ତ ବିଶ୍ୱାଳ ଗତ ୯ ଦିନ ଧରି ଦିନରାତି ୨୪ ଘଣ୍ଟା ରାଉରକେଲା ମହାନଗର ନିଗମ (RMC) କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି।ତାଙ୍କ ଏହି ଆନ୍ଦୋଳନକୁ ଶକ୍ତି ବାହିନୀର ସଭାପତି ଜୟନ୍ତୀ ଦାସ, ଭୀମ ଆର୍ମି ରାଉରକେଲାର ସଭାପତି ସୁନୀଲ ନାଗଙ୍କ ସମେତ ଅନେକ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ଭାଇଭଉଣୀମାନେ ସମର୍ଥନ ଜଣାଇଛନ୍ତି। ଦେଶୀ ମଦ ଭାଟି ବନ୍ଦ କରିବା ସହ ଅଞ୍ଚଳକୁ ନିଶାମୁକ୍ତ କରିବା ଦାବିରେ ଏହି ଆନ୍ଦୋଳନ ଜାରି ରହିଛି। ଏବେ ପ୍ରଶାସନ ଏହି ଦାବି ଉପରେ କି ପଦକ୍ଷେପ ଗ୍ରହଣ କରୁଛି, ତାହାକୁ ନେଇ ସ୍ଥାନୀୟ ଲୋକଙ୍କ ନଜର ରହିଛି।



କୋଶଳ ସମ୍ବାଦ

ଅନ୍ତର୍ଜାତୀୟ ଖବର

ଶନିବାର ୧୪ ନଭେମ୍ବର ୨୦୨୬

୧୩ ବର୍ଷୀୟ ନାବାଳିକାଙ୍କୁ ଦୁଷ୍କର୍ମ ଘଟଣା: ୨ ପାକିସ୍ତାନୀ ଫେରାର

ନୂଆଦିଲ୍ଲୀ: ରାୟ ପ୍ରକାଶ ହେବା ପୂର୍ବରୁ ଫେରାର । ୩ ଜଣଙ୍କ ମଧ୍ୟରୁ ୨ ଜଣ ଫେରାର । ବହୁ ଚର୍ଚ୍ଚିତ ବ୍ରିଟେନର ରଥରହାମ ଶିଶୁ ଯୌନ ନିର୍ଯାତନା ଘଟଣାରେ ବଡ଼ ରାୟ ସାମ୍ନାକୁ ଆସିଛି । ବ୍ରିଟେନର ୧୩ ବର୍ଷୀୟ ନାବାଳିକାଙ୍କୁ ଦୁଷ୍କର୍ମ ଘଟଣାରେ ୩ ପାକିସ୍ତାନୀଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି । ହେଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କି, ରାୟ ଶୁଣାଇବା ପୂର୍ବରୁ ୨ ପାକିସ୍ତାନୀ ଫେରାର ହୋଇଯାଇଥିବା କୁହାଯାଉଛି । ମିଳିଥିବା ସୂଚନା ଅନୁଯାୟୀ, ଦକ୍ଷିଣ ୟର୍କଶାୟରରେ ୧୯୯୭ରୁ ୨୦୧୩ ମସିହା ମଧ୍ୟରେ ଘଟିଥିବା ଶିଶୁ ଯୌନ ଅପରାଧ ଏବଂ ଶୋଷଣ ମାମଲାର ଯାଞ୍ଚ ପାଇଁ ବ୍ରିଟେନର ନ୍ୟାସନାଲ କ୍ରାଇମ୍ ଏଜେନ୍ସି (NCA) ପକ୍ଷରୁ 'ଅପରେସନ୍ ଷ୍ଟୋଭଉଡ୍' ନାମକ ଏକ ବୃହତ ଅଭିଯାନ ଚାଲିଛି । ଏହି ମାମଲାର ଶୁଣାଣି କରି ଶେଫିଲ୍ଡ କ୍ରାଉନ୍ କୋର୍ଟ ପାକିସ୍ତାନୀ ମୂଳର ତିନି ଅଭିଯୁକ୍ତ ମୁଦାସର ହୁସେନ, ଗଜନଫର ହୁସେନ ଏବଂ କାମିର ଇଫଜାଲ ଖାନ୍ ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ବ୍ରିଟେନର ନ୍ୟାସନାଲ କ୍ରାଇମ୍ ଏଜେନ୍ସି (NCA) ପକ୍ଷରୁ କୁହାଯାଇଛି ଯେ ଦୋଷୀ ସାବ୍ୟସ୍ତ ହୋଇଥିବା ମୁଦାସର ହୁସେନ ଏବଂ କାମିର ଇଫଜାଲ ଖାନ୍ ମାମଲାର ବିଚାର ଚାଲିଥିବା ସମୟରେ କୌଣସି ପ୍ରକାରେ ଆଇନରୁ ବର୍ତ୍ତିବା ପାଇଁ ପାକିସ୍ତାନ ଫେରାର ହୋଇଯାଇଥିଲେ । ତେବେ କୋର୍ଟ ସେମାନଙ୍କ ଅନୁପସ୍ଥିତିରେ ହିଁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅନ୍ୟପଟେ ଗଜନଫର ହୁସେନକୁ ପୋଲିସ ହେପାଜତକୁ ନେଇଥିବାବେଳେ ଆଗମୀ ଦିନରେ ସମସ୍ତଙ୍କ ପାଇଁ ସଜ୍ଜା ଘୋଷଣା କରାଯିବ । ଫେରାର ଥିବା ଦୁଇ ଅଭିଯୁକ୍ତଙ୍କୁ ଧରିବା ପାଇଁ ଏଜେନ୍ସି ପକ୍ଷରୁ ଜୋରଦାର ସର୍ଚ୍ଚ ଅଭିଯାନ ଜାରି ରହିଛି ।ଅଭିଯୁକ୍ତଙ୍କୁ ଖୋଜା ଯାଉଥିବାବେଳେ ସେମାନଙ୍କୁ କଠୋର ଦଣ୍ଡ ଦିଆଯିବ ବୋଲି କୁହାଯାଉଛି ।

ଗୋଟିଏ, ୨ଟି ନୁହେଁ...ଏନଭିଡିଆ CEOଙ୍କ ତୃତୀୟ ଆଫେୟାରର ପର୍ଦ୍ଦାଫାଶ



ନୂଆଦିଲ୍ଲୀ,୧୩/୧୧; ବିଶ୍ୱର ଅନ୍ୟତମ କିୟଦନ୍ତୀ ଟେକ୍ କମ୍ପାନୀ ଘଙ୍ଗସୟସବ ବର୍ତ୍ତମାନ ବଡ଼ ଅସୁବିଧାରେ ଅଛି । ଏହାର କାରଣ ହେଉଛି କମ୍ପାନୀର ସିଇଓଙ୍କ ଗୋଟିଏ ପରେ ଗୋଟିଏ ସମ୍ପର୍କର ଖୁଲାସା । ସମ୍ପତ୍ତି, ସାମ୍ରାଜ୍ୟ ସବୁକିଛି ଥିଲା କିନ୍ତୁ ଗୋଟିଏ ଆଫେୟାର ସବୁକିଛି ବଦଳାଇଦେଲା । ଗତକାଲି ନାଭିଡିଆ ସିଇଓ ପଦରୁ ଇସ୍ତଫା ଦେଇଥିଲେ ଜେନସେନ୍ ହୁଆଙ୍କ । ଚୀନ୍ ଗୁପ୍ତଚରଙ୍କ ସହ ତାଙ୍କ ସମ୍ପର୍କ ପରେ ଦ୍ୱିତୀୟ ମହିଳାଙ୍କ ସହ ମଧ୍ୟ ସମ୍ପର୍କ ଥିବା ଖୁଲାସା ହୋଇଥିଲା । ଗୋଟିଏ କି ୨ଟି ନୁହେଁ ଜେନସେନ୍ ହୁଆଙ୍ଗଙ୍କର ତୃତୀୟ ମହିଳାଙ୍କର ସମ୍ପର୍କ ଥିବା ଖୁଲାସା ହୋଇଛି । ଇସ୍ତଫା ଦେବା ପରେ ବି ଜେନସେନ୍ ହୁଆଙ୍ଗଙ୍କର ନୂତନ ଅସୁବିଧା ବଢାଇଛି ଏହି ତୃତୀୟ ସମ୍ପର୍କ । ପୂର୍ବରୁ ହୁଆଙ୍ଗ ନିଜେ ଜଣେ ଚୀନ୍ ମହିଳାଙ୍କ ସହ ସମ୍ପର୍କ ଥିବା ସେ ସ୍ୱୀକାର କରିଥିଲେ । ଏହା ପରେ ତଦନ୍ତ ବଢ଼ିବା ପରେ କୁହାଯାଇଥିଲା ଯେ ହୁଆଙ୍ଗଙ୍କର କମ୍ପାନୀର ଅନ୍ୟ ଜଣେ ମହିଳା କର୍ମଚାରୀଙ୍କ ସହ ମଧ୍ୟ ସମ୍ପର୍କ ଥିଲା । ଏବେ ଅନ୍ୟ ଜଣେ ମହିଳାଙ୍କ ସହ ସମ୍ପର୍କ ସାମ୍ନାକୁ ଆସିଛି । ତୃତୀୟ ମହିଳା ମଧ୍ୟ କମ୍ପାନୀର ଜଣେ କର୍ମଚାରୀ । ତେବେ ତାଙ୍କ ପରିଚୟ ଏ ପର୍ଯ୍ୟନ୍ତ ମିଳିପାରିନାହିଁ । ପଦରୁ ଇସ୍ତଫା- ଗତକାଲି ଜେନସେନ୍ ହୁଆଙ୍ଗ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି । କମ୍ପାନୀ କୋଲେଟ୍ କ୍ରେସଙ୍କୁ ମଧ୍ୟବର୍ତ୍ତୀକାଳୀନ ସିଇଓ ଭାବରେ ନିଯୁକ୍ତ କରିଛି । କ୍ରେସ୍ ପୂର୍ବରୁ କାର୍ଯ୍ୟନିର୍ବାହୀ ଉପସଭାପତି ଏବଂ ମୁଖ୍ୟ ଅର୍ଥ ଅଧିକାରୀ ଭାବରେ କାର୍ଯ୍ୟ କରିଥିଲେ। ବର୍ତ୍ତମାନ କମ୍ପାନୀରେ ସମସ୍ୟା ମଧ୍ୟରେ ତାଙ୍କୁ ଏକ ବଡ଼ ଦାୟିତ୍ୱ ଦିଆଯାଇଛି। ଏଠାରେ କମ୍ପାନୀର ସେୟାର ହ୍ରାସ ପାଇଛି। ଗୁରୁବାର ଦିନ ବିଶ୍ୱର ଅନ୍ୟତମ ବୃହତ୍ତମ କମ୍ପାନୀ ଏନଭିଡିଆର ସେୟାର ୧୦ ପ୍ରତିଶତ ହ୍ରାସ ପାଇଛି । ଟ୍ରମ୍ପଙ୍କ ଆଶ୍ୱାସନା- ଏସବୁ ମଧ୍ୟରେ, ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଶ୍ଚିତ କରିଛନ୍ତି ଯେ, ହୁଆଙ୍ଗ ଏବଂ ଚୀନ୍ ଗୁଇନ୍ଦା ଏଜେନ୍ସି ପାଇଁ କାର୍ଯ୍ୟ କରୁଥିବା ଜଣେ ମହିଳାଙ୍କ ମଧ୍ୟରେ ଥିବା ସମ୍ପର୍କର ଏଫବିଆଇ ଅନୁସନ୍ଧାନ କରୁଛି। ଟ୍ରମ୍ପ ଗଣମାଧ୍ୟମକୁ କହିଛନ୍ତି ଯେ, ସେ ସୋମବାର ଦିନ ହୁଆଙ୍ଗଙ୍କ ସହ ଟେଲିଫୋନରେ କଥା ହୋଇଥିଲେ। 'ମୁଁ ତାଙ୍କୁ ଏହି ପ୍ରଶ୍ନ ପଚାରିଲି, 'ତୁମେ ଜାଣିଥିଲ କି ସେ ଜଣେ ଗୁପ୍ତଚର ଅଟନ୍ତି ?' ପରେ ଟ୍ରମ୍ପ ହ୍ୱାଇଟ୍ ହାଉସ୍ ସାମ୍ବାଦିକ ସମ୍ମିଳନୀରେ ହୁଆଙ୍ଗଙ୍କୁ ଜଣେ 'ସମ୍ମାନଜନକ ବ୍ୟକ୍ତି' ବୋଲି କରିଥିଲେ ଏବଂ ଏହି ଅନୁସନ୍ଧାନ ଦ୍ୱାରା ସେ ଅସୁରକ୍ଷିତ ଭାବରେ ବାହାରକୁ ଆସିବେ ବୋଲି ଆତ୍ମବିଶ୍ୱାସ ପ୍ରକାଶ କରିଥିଲେ। ସେ କହିଛନ୍ତି, 'ମୁଁ ଆଶା କରୁଛି କୌଣସି ସମସ୍ୟା ହେବ ନାହିଁ । ମୁଁ ଭାବୁଛି ସେ ବହୁତ ଯନ୍ତ୍ରଣା ଭୋଗୁଛନ୍ତି । ' ଦ୍ୱିତୀୟ ଆଫେୟାରର ବି ପର୍ଦ୍ଦାଫାଶ- ହୁଆଙ୍ଗଙ୍କ ଦ୍ୱିତୀୟ ଆଫେୟାର ବିଷୟରେ ବି ତଥ୍ୟ ଆସିଛି ।

ତାଇୱାନକୁ ଦଖଲ କରିବା ଜିଦରେ ଅଟଳ ଚୀନ୍, ଜିନପିଙ୍ଗ କହିଲେ 'ମାତୃଭୂମିର ସମ୍ପୂର୍ଣ୍ଣ ପୁନଃଏକୀକରଣ' ଆମର 'ଅଟଳ ଐତିହାସିକ ମିଶନ'.



ନୂଆଦିଲ୍ଲୀ: ଚୀନ୍ ତାର ବିସ୍ତାରବାଦୀ ନୀତିରେ ଅଟଳ ରହିଛି । ତାଇୱାନ ପ୍ରତି ତାର ଦୃଷ୍ଟିକୋଣ ଅପରିବର୍ତ୍ତିତ ରହିଛି । ତାଇୱାନ ପ୍ରତି ଚୀନ୍ ତାର ଦୃଷ୍ଟିକୋଣରେ ଅଟଳ ରହିଛି । ତାଇୱାନକୁ ଚୀନ୍ ନିୟନ୍ତ୍ରଣରେ ଆଣିବା ପାଇଁ ତାର ସଂକଳ୍ପକୁ ଦୋହରାଇ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଗୁରୁବାର କହିଛନ୍ତି ଯେ 'ମାତୃଭୂମିର ସମ୍ପୂର୍ଣ୍ଣ ପୁନଃଏକୀକରଣ' ହେଉଛି ଚୀନ୍ କମ୍ୟୁନିଷ୍ଟ ପାର୍ଟି (ସିପିସି)ର ଏକ 'ଅଟଳ ଐତିହାସିକ ମିଶନ' ଏବଂ ନିଶ୍ଚିତ ଭାବରେ ଏହା ହାସଲ କରାଯିବ । ସିପିସି କେନ୍ଦ୍ରୀୟ କମିଟିର ସାଧାରଣ ସମ୍ପାଦକ ଏବଂ କେନ୍ଦ୍ରୀୟ ସାମରିକ କମିଶନର ଅଧକ୍ଷ ସି ଜିନପିଙ୍ଗ, ଚୀନ୍ ?ର ଜଣେ ଜାତୀୟତାବାଦୀ ନେତା ସନ୍ ୟାତ୍-ସେନ୍ଙ୍କ ୧୬୦ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଏକ ଉତ୍ସବରେ ଏହି ମନ୍ତବ୍ୟ ଦେଇଛନ୍ତି । ତାଇୱାନ ପ୍ରଣାଳୀର ଉଭୟ ପାର୍ଶ୍ୱରେ ସନ୍ ୟାତ୍-ସେନ୍ ଙ୍କୁ ସମ୍ମାନ କରାଯାଏ । ସେ ତାଇୱାନର ବାସ୍ତବତାକୁ ବିଚାରକୁ ନେବାକୁ ପ୍ରତିଶ୍ରୁତି ଦେଇଥିଲେ, କିନ୍ତୁ ବିଚ୍ଛିନ୍ନତାବାଦ ବିରୁଦ୍ଧରେ ଦୃଢ଼ ମନୋଭାବ ଗ୍ରହଣ କରିଥିଲେ । ସରକାରୀ ସମାଚାର ଏଜେନ୍ସି ଜିନହୁଆ ସି ଜିନପିଙ୍ଗଙ୍କୁ ଉଦ୍ଧୃତ କରି କହିଛି ଯେ, 'ତାଇୱାନ ସମସ୍ୟାର ସମାଧାନ ଏବଂ ମାତୃଭୂମିର ସମ୍ପୂର୍ଣ୍ଣ ପୁନଃଏକୀକରଣ ହାସଲ କରିବା ହେଉଛି ସିପିସିର ଅଟଳ ଐତିହାସିକ ମିଶନ, ସମସ୍ତ ଚୀନ୍ ଲୋକଙ୍କ ସାଧାରଣ ଆକାଂକ୍ଷା ଏବଂ ଚୀନ୍ ଜାତିର ମହାନ ପୁନର୍ଜୀବନ ପାଇଁ ଏକ ପ୍ରାକୃତିକ ଆବଶ୍ୟକତା ।' ଚୀନ୍ ତାଇୱାନକୁ ଏକ ବିଚ୍ଛିନ୍ନ ପ୍ରଦେଶ ଭାବରେ ବିବେଚନା କରେ ଯାହାକୁ ଆବଶ୍ୟକ ହେଲେ ବଳ ପ୍ରୟୋଗ କରି ମଧ୍ୟ ମୁଖ୍ୟଭୂମି ସହିତ ପୁନଃଏକୀକରଣ କରିବାକୁ ପଡିବ। ସି ଜିନପିଙ୍ଗ କହିଛନ୍ତି ଯେ ତାଇୱାନ ପ୍ରଣାଳୀର ଉଭୟ ପାର୍ଶ୍ୱର ଲୋକମାନେ ଏବଂ ଦେଶ ଏବଂ ବିଦେଶରେ ରହୁଥିବା ସମସ୍ତ ଚୀନ୍ 'ତାଇୱାନ ସ୍ୱାଧୀନତା' ପାଇଁ ସମର୍ଥନ କରୁଥିବା ବିଚ୍ଛିନ୍ନତାବାଦୀ ଶକ୍ତିକୁ ବିରୋଧ କରିବା ଏବଂ କ୍ରସ୍-ଷ୍ଟ୍ରେଟ୍ ସମ୍ପର୍କର ଶାନ୍ତିପୂର୍ଣ୍ଣ ବିକାଶ ଏବଂ ମାତୃଭୂମିର ସମ୍ପୂର୍ଣ୍ଣ ପୁନଃଏକୀକରଣ ପାଇଁ ଏକାଠି କାମ କରିବା ଉଚିତ । ସି ଜିନପିଙ୍ଗ କହିଛନ୍ତି, 'ଏକ-ଚୀନ୍ ନୀତି ଏବଂ ୧୯୯୨ ସମ୍ମତିକୁ ପାଳନ କରି, ଆମେ ତାଇୱାନର ସମସ୍ତ କ୍ଷେତ୍ରର ଦୂରଦର୍ଶୀମାନଙ୍କ ସହିତ ପ୍ରଣାଳୀର ଦୁଇ ପାର୍ଶ୍ୱ ଏବଂ ଜାତୀୟ ପୁନଃଏକୀକରଣ ସହିତ ଜଡିତ ପ୍ରସଙ୍ଗରେ ଆଲୋଚନା ଏବଂ ପରାମର୍ଶ କରିବାକୁ ଇଚ୍ଛୁକ।'

ପ୍ରେମ ସମ୍ପର୍କରୁ ଗୁଇନ୍ଦା ବିବାଦ, ଆମେରିକା ସଂସଦରେ ହାଜର ହେବେ ହୁଆଙ୍ଗ୍



ୱାଶିଂଟନ ଡିସି, ୧୩/୧୧: ଆମେରିକାର ବହୁଦେଶୀୟ ପ୍ରଯୁକ୍ତି କମ୍ପାନି ଏନ୍ଭିଡିଆର ପୂର୍ବତନ ସିଇଓ ଜେନସେନ୍ ହୁଆଙ୍ଗ୍ ଆମେରିକୀୟ କଂଗ୍ରେସ (ସଂସଦ) ସମ୍ମୁଖରେ ହାଜର ହୋଇ ବୟାନ ଦେବାକୁ ରାଜି ହୋଇଛନ୍ତି । ବରିଷ୍ଠ ସାଂସଦମାନେ ତାଙ୍କୁ ସମନ ଜାରି କରିବାକୁ ଧମକ ଦେବା ପରେ ହୁଆଙ୍ଗ୍ ଏଥିରେ ରାଜି ହୋଇଥିବା ନେଇ ହାଉସ୍ ଫରେନ୍ ଆଫେୟାର୍ସ କମିଟିର ଅଧକ୍ଷ ବ୍ରାଏନ୍ ମାଷ୍ଟ ସ୍ପଷ୍ଟ କରିଛନ୍ତି । ଜଣେ ମହିଳାଙ୍କ ସହ ହୁଆଙ୍ଗ୍ ଦୀର୍ଘଦିନ ଧରି ପ୍ରେମ ସମ୍ପର୍କ ରଖିବା ଖବର ସାମ୍ନାକୁ ଆସିବା ପରେ ଏହି ବିବାଦ ଉପୁଜିଛି। ମହିଳା ଜଣକ ଚୀନ୍ ପାଇଁ ଗୁଇନ୍ଦାଗିରି କରିଥିବା ରିପୋର୍ଟ ପ୍ରକାଶ ପାଇଛି । ଚୀନ୍ ଯଦିଓ ଏହି ଖବରକୁ ଖଣ୍ଡନ କରିଛି, ଆମେରିକା କିନ୍ତୁ ଏହାକୁ ଅତି ଗୁରୁତ୍ୱର ସହ ଗ୍ରହଣ କରିଛି। ସଂସଦରେ ହୁଆଙ୍ଗ୍ଙ୍କୁ ହାଜର କରାଇ ଘେରିବାକୁ ସାଂସଦମାନେ ନିଷ୍ପତ୍ତି ନେଇଛନ୍ତି । ତାଙ୍କୁ ବିଭିନ୍ନ ଦିଗରୁ ଜୋରଦାର ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡ଼ିବ । ଆମେରିକା କ୍ୟାପିଟଲରେ ସାମ୍ବାଦିକଙ୍କୁ ସୂଚନା ଦେଇ ବ୍ରାଏନ ମାଷ୍ଟ କହିଛନ୍ତି, ଆପଣମାନଙ୍କ ମଧ୍ୟରୁ ଅନେକ ପୂର୍ବରୁ ଜାଣିଥିବେ ଯେ ରପ୍ତାନି ନିୟନ୍ତ୍ରଣ ପ୍ରସଙ୍ଗରେ ମୋ ସହିତ ଜେନସେନ ହୁଆଙ୍ଗ୍ଙ୍କର ମତଭେଦ ରହିଆସିଛି। କିନ୍ତୁ ଆମେରିକା ପାଇଁ ଏନ୍ଭିଡିଆ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କମ୍ପାନି। ମୁଁ ଏନ୍ଭିଡିଆର କୌଣସି କ୍ଷତି ହେଉ ବୋଲି ଚାହେଁନାହିଁ । ହୁଆଙ୍ଗ୍ଙ୍କ ଅନେକ କଠିନ ପ୍ରଶ୍ନର ଜବାବ ଦେବାକୁ ପଡ଼ିବ । ଚଳିତ ମାସ ଶେଷ ଭାଗରେ ହୁଆଙ୍ଗ୍ ସଂସଦରେ ଶପଥ ନେଇ ବୟାନ ଦେବାର ସମ୍ଭାବନା ରହିଛି। ଏହି ବୈଠକ ବନ୍ଦ କୋଠରି ମଧ୍ୟରେ ଅନୁଷ୍ଠିତ ହୋଇପାରେ। ଏହାର ଭିଡିଓ ରେକର୍ଡିଂ ଏବଂ ଲିଖିତ ବିବରଣୀ ରଖାଯିବ ବୋଲି ମାଷ୍ଟ ଆଶାବାଦୀ ରହିଛନ୍ତି । ଏହି ପ୍ରକ୍ରିୟାରେ ହାଉସ୍ ଫରେନ୍ ଆଫେୟାର୍ସ କମିଟି ସହିତ ହାଉସ୍ ଚୀନ୍ ଏବଂ ସୁରକ୍ଷା ପ୍ୟାନେଲ୍ ମଧ୍ୟ ଅଂଶଗ୍ରହଣ କରିବେ। ତେବେ ମାଷ୍ଟ ଏ ନେଇ କୌଣସି ଚୂଡ଼ାନ୍ତ ତାରିଖ ଘୋଷଣା କରିନାହାନ୍ତି। ଏହା ପୂର୍ବରୁ ଆଜି ଜେନସେନ ହୁଆଙ୍ଗ୍ ଏନ୍ଭିଡିଆର ସିଇଓ ପଦରୁ ଇସ୍ତଫା ଦେଇଥିଲେ ।

ପାକିସ୍ତାନର ବଲୁଚିସ୍ତାନରେ ସେନା କ୍ୟାମ୍ପ ଉପରେ ଆତ୍ମଘାତି ଆକ୍ରମଣ; ୧୮ ଯବାନ ମୃତ



ନୂଆଦିଲ୍ଲୀ,୧୩/୧୧: ପାକିସ୍ତାନର ବଲୁଚିସ୍ତାନ ଅନ୍ତର୍ଗତ ମସ୍ତୁଙ୍ଗ ଜିଲ୍ଲାରେ ଥିବା ଏକ ସାମରିକ ଶିବିର ଉପରେ ଆତ୍ମଘାତୀ ଆକ୍ରମଣ ହୋଇଛି। ଏଥିରେ ଅତିକମରେ ୧୮ ଜଣ ପାକିସ୍ତାନୀ ସାମରିକ କର୍ମଚାରୀ ନିହତ ହୋଇଛନ୍ତି। 'ବଲୁଚ୍ ଲିବରେସନ୍ ଆର୍ମି' (BLA) ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ଜଣାଇଛି ଯେ, ସେମାନଙ୍କର 'ମଜିଦ୍ ବ୍ରିଗେଡ୍' କାଣ୍ଡୱା ଅଞ୍ଚଳରେ ଏହି ଆକ୍ରମଣ କରିଛି। ଏଥିପାଇଁ ସେମାନେ ବିସ୍ଫୋରକ ପଦାର୍ଥ ଭର୍ତ୍ତି ଏକ ଗାଡ଼ି ବ୍ୟବହାର କରିଥିଲେ, ଯାହା ଫଳରେ ସାମରିକ ଶିବିର ଏବଂ ନିକଟସ୍ଥ ସୁରକ୍ଷା ଯାଞ୍ଚ କେନ୍ଦ୍ରଗୁଡ଼ିକ ଧ୍ୱଂସ ହୋଇଯାଇଛି। ଏହି ଗୋଷ୍ଠୀ ଦାବି କରିଛି ଯେ, ବିସ୍ଫୋରଣରେ ଅନ୍ୟ ଅନେକ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି। ଏହି ଆକ୍ରମଣ ଗୁରୁବାର ଦିନ ଘଟିଥିଲା। ବିଏଲଏ ଅନୁଯାୟୀ, ବିସ୍ଫୋରଣ ପରେ ସେମାନଙ୍କର 'ଫତେହ ସ୍କ୍ୱାଡ୍'ର ସଦସ୍ୟମାନେ ଶିବିର ଭିତରକୁ ପ୍ରବେଶ କରିଥିଲେ ଏବଂ ବିସ୍ଫୋରଣରୁ ବଞ୍ଚିଯାଇଥିବା ସୁରକ୍ଷା କର୍ମୀମାନଙ୍କ ଉପରେ ଆକ୍ରମଣ କରିଥିଲେ। ସେମାନେ ଆହୁରି ମଧ୍ୟ ଦାବି କରିଛନ୍ତି ଯେ, ଏହି ସୁସଂଗଠିତ ଅଭିଯାନର ଅଂଶ ସ୍ୱରୂପ ନିକଟସ୍ଥ ଏକ ସୁରକ୍ଷା ଶିବିରକୁ ମଧ୍ୟ ଟାର୍ଗେଟ୍ କରାଯାଇଥିଲା। ସଂଗଠନଟି ଆତ୍ମଘାତୀ ଆକ୍ରମଣକାରୀଙ୍କ ପରିଚୟ ମସ୍ତୁଙ୍ଗର ଖାରକୋଟା ନିବାସୀ ଉସାମା ଶାହୱାନୀ (ଯିଏ 'ୱଦୁଦ' ନାମରେ ମଧ୍ୟ ଜଣାଶୁଣା) ବୋଲି ଜଣାଇଛି। ଏଥିରେ କୁହାଯାଇଛି ଯେ, ଶାହୱାନୀ ୨୦୨୨ ମସିହାରେ ଏହି ସଂଗଠନରେ ଯୋଗ ଦେଇଥିଲେ ଏବଂ ୨୦୨୪ ମସିହାରେ 'ମଜିଦ୍ ବ୍ରିଗେଡ୍'ର ସଦସ୍ୟ ହୋଇଥିଲେ। ବିଏଲ୍ଏ (BLA) ଆହୁରି ମଧ୍ୟ ଦାବି କରିଛି ଯେ ଶାହୱାନି କଲାତ, ନାଗାହୋ ଏବଂ ଶୁର ପାରୋଦରେ ଅନୁଷ୍ଠିତ ଅନେକ ଅଭିଯାନରେ ଅଂଶଗ୍ରହଣ କରିଥିଲା। ଏହା ବ୍ୟତୀତ, ସେ ନୁଷ୍କି ଠାରେ ସେମାନଙ୍କର 'ଅପରେସନ୍ ହେରୋଫ୍-୨' ନାମକ ଅଭିଯାନ ସମୟରେ ତିନି ଦିନ ଧରି ଆକ୍ରମଣ କରିଥିଲା ବୋଲି ମଧ୍ୟ କୁହାଯାଇଛି। ବଲୁଚିସ୍ତାନରେ ଜାରି ରହିଛି ହିଂସା: ଏହି ଗୋଷ୍ଠୀ ବେଲୁଚିସ୍ତାନରେ ଖଣିଜ ଅନୁସନ୍ଧାନ ଏବଂ ନିବେଶ ପ୍ରକଳ୍ପକୁ ବିରୋଧ କରିବା ପାଇଁ ମଧ୍ୟ ଏହି ବୟାନ ବ୍ୟବହାର କରିଥିଲା, ସେହିପରି ଏପରି ଉଦ୍ୟମରେ ସାମିଲ ବିଦେଶୀ କମ୍ପାନୀ ଏବଂ ନିବେଶକଙ୍କ ବିରୁଦ୍ଧରେ ଧମକ ଜାରି କରିଥିଲା। ଏହା ବିଶେଷ ଭାବରେ 'ପାକିସ୍ତାନ ଖଣିଜ ନିବେଶ ଫୋରମ୍ ୨୦୨୬'କୁ ଟାର୍ଗେଟ କରିଥିଲା। ଏବଂ ଅଭିଯୋଗ କରିଥିଲା ଯେ ପ୍ରଦେଶରେ ଖଣିଜ ପ୍ରକଳ୍ପର ଉଦ୍ଦେଶ୍ୟ ଏହାର ପ୍ରାକୃତିକ ସମ୍ପଦକୁ ଶୋଷଣ କରିବା। ସଂଗଠନ ଚେତାବନୀ ଦେଇଥିଲା ଯେ ଏହି ପ୍ରକଳ୍ପଗୁଡ଼ିକରେ ଅଂଶଗ୍ରହଣ କରୁଥିବା କମ୍ପାନୀ ଏବଂ ନିବେଶକମାନେ ଆକ୍ରମଣର ସମ୍ମୁଖୀନ ହୋଇପାରନ୍ତି। ବିଏଲଏ କହିଛି ଯେ ପାକିସ୍ତାନୀ ସୁରକ୍ଷା ବାହିନୀ ବେଲୁଚିସ୍ତାନରୁ ପ୍ରତ୍ୟାହାର ନହେବା ଏବଂ ଏହି ଅଞ୍ଚଳ ସ୍ୱାଧୀନତା ପାଇବା ପର୍ଯ୍ୟନ୍ତ ଏହାର ସଶସ୍ତ୍ର ଅଭିଯାନ ଜାରି ରହିବ।

ସାରା ଦୁନିଆରେ ମାଇକ୍ରୋସଫ୍ଟ ଠପ୍, କ୍ଲାଉଡ୍ ସର୍ଭର ବାରମ୍ବାର ଡାଉନ୍



ନୂଆଦିଲ୍ଲୀ, ୧୩/୧୧ : ୯ ଘଣ୍ଟା ହେଲା ମାଇକ୍ରୋସଫ୍ଟ ଠପ୍ । ଚାଲୁନି ମାଇକ୍ରୋସଫ୍ଟ, ଆଉଟଲୁକ୍ ଏବଂ ଟିମ୍ସ । କ୍ଲାଉଡ୍ ସର୍ଭର ବାରମ୍ବାର ଡାଉନ୍ । ସାରା ଦୁନିଆରେ ଅଚାନକ ମାଇକ୍ରୋସଫ୍ଟ ସର୍ଭର ଅଚାନକ ଠପ୍ ହୋଇଯାଇଛି । ଫଳରେ ବହୁ କମ୍ପାନୀ ଏବଂ ସରକାରୀ ଅଫିସରେ କାମ ଠପ୍ ହୋଇଯାଇଛି । ସୂଚନାନୁଯାୟୀ, ବଡ଼ ବଡ଼ କମ୍ପାନୀ ଏବଂ ବହୁ ସରକାରୀ ଅଫିସରେ ଇମେଲ୍ ଏବଂ ମିଟିଂ ପାଇଁ **Microsoft 365, Outlook Gaõ Teams** ବ୍ୟବହାର କରାଯାଏ। ଗୁରୁବାର ଦିନ ଆମେରିକାର ହଜାର ହଜାର ୟୁଜର୍ସଙ୍କ କମ୍ପ୍ୟୁଟର ସର୍ଭର ହଠାତ୍ ଠପ୍ ହୋଇଗଲା। ଯାହାଫଳରେ **OpenAI** ଏବଂ **Anthropic** ର AI ସେବାରେ ବ୍ୟବହୃତ କନେକ୍ଟରଗୁଡ଼ିକୁ ପ୍ରଭାବିତ କରିଥିଲା । ଆଉଟେଜ୍ ଟ୍ରାକ୍ କରୁଥିବା ଡାଉନଡିଟେକ୍ଟର ମଧ୍ୟ ଏହା କନଫର୍ମ କଲେ । ଡାଉନଡିଟେକ୍ଟର ଅନୁଯାୟୀ, ଆମେରିକାରେ ଅପରାହ୍ନ ୨ଟାରେ ଆଉଟଲୁକ୍ ସମସ୍ୟା ଆରମ୍ଭ ହୋଇଥିଲା । ଯାହା ପରେ ପ୍ରାୟ ୧ ଲକ୍ଷ ରିପୋର୍ଟ ଦାଖଲ କରାଯାଇଥିଲା । ଭାରତୀୟ ସମୟ ଅନୁସାରେ ଦିନ ୧୨ଟାରେ ସମସ୍ୟା ଆରମ୍ଭ ହୋଇଥିଲା ।

ଭୟଙ୍କର ଦୁର୍ଘଟଣା; ୨୩ଟି ଗାଡିକୁ ପିଟିଦେଲା ଟ୍ରକ; ୧୪ ଜଣଙ୍କ ମୃତ୍ୟୁ, ୩୦ ଆହତ



ନୂଆଦିଲ୍ଲୀ,୧୩/୧୧; ୟୁନାଇଟେଡ୍ ଆରବ ଏମିରେଟସ୍ ର ଫୁଜେରାହରେ ଭୟଙ୍କର ସଡ଼କ ଦୁର୍ଘଟଣା । ଗୁରୁବାର ବିଳମ୍ବିତ ରାତିରେ ନିୟନ୍ତ୍ରଣ ହରାଇ ଏକ ଟ୍ରକ୍ ୨୩ଟି ଗାଡ଼ିକୁ ଧକ୍କା ଦେଇଥିଲା । ଦୁର୍ଘଟଣାରେ ୩ ଭାରତୀୟଙ୍କ ସମେତ ୧୪ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ କେରଳର ଯାଆଁଳା ଭାଇଭଉଣୀ ମଧ୍ୟ ଅଛନ୍ତି । ଦୁର୍ଘଟଣାରେ ୩୦ ଜଣ ଆହତ ହୋଇଛନ୍ତି । ଦୁର୍ଘଟଣା ପରେ ଅନେକ ଗାଡ଼ିରେ ନିଆଁ ଲାଗି ଯାଇଥିଲା। କିଛି ମୃତଦେହ ଗୁରୁତର ଭାବରେ ଜଳି ଯାଇଛି, ତେଣୁ ମୃତକଙ୍କୁ ଚିହ୍ନଟ କରିବା ପାଇଁ ଡିଏନଏ ପରୀକ୍ଷା କରାଯାଉଛି । ୟୁଏଇ ଗୃହ ମନ୍ତ୍ରଣାଳୟ ଅନୁଯାୟୀ, ଦୁର୍ଘଟଣାରେ ମୃତକଙ୍କ ମଧ୍ୟରେ ୟୁଏଇ, ଓମାନ, ଭାରତ, ବ୍ରାଜିଲ, ପାକିସ୍ତାନ, ଜୋର୍ଡାନ ଏବଂ ଇଜିପ୍ଟର ନାଗରିକ